DHARITRI.COM

Vol IX Issue No.33 Saturday, 02 February 2008



The Berkshire Miracle Berkshire Hathaway made Warren Buffett the 2nd richest man in the world. And in Omaha, Nebraska alone, more than 30 families own $100 million worth of Berkshire stock. If you missed out on the Berkshire miracle, a rare second chance awaits you. In a new free report, The Motley Fool reveals what could be the next Berkshire Hathaway.

Click here to get your FREE report now! ▶

A TRUSTED SERVICE FROM The Motley Fool

www.Fool.com Feedback - Ads by Google

previous || next

# କେନ୍ଦ୍ର ରାଜନୈତିକ ବାଛବିଚାର କରୁଛି: ମୁଖ୍ୟମନ୍ତ୍ରୀ

Click to enlarge text: A A A A

ଭୁବନେଶ୍ୱର,୧।୨(ବ୍ୟୁରୋ)-ଆଇଆଇଟି ପ୍ରତିଷ୍ଠା ଦିଗରେ କେନ୍ଦ୍ର ସରକାର ରାଜନୈତିକ ବାଛବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାଲୋଚନା କରି କହିଛନ୍ତି । ଓଡ଼ିଶା ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଥିଲେ ବି କେନ୍ଦ୍ର ଏ ଯାଏ ଶୁଣୁନାହିଁ । ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ଓଡ଼ିଶାରେ ଆଇଆଇଟି ପରି ଉଚ୍ଚ ମାନର ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯିବା ଆବଶ୍ୟକ ବୋଲି ଯୁକ୍ତି ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଗତ ୨୩ ତାରିଖରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂଙ୍କ ସହିତ ତାଙ୍କର ଆଲୋଚନା ଏବଂ ଏ ସମ୍ପର୍କରେ ସିଂଙ୍କ ଅନୁକୂଳ ମନୋଭାବ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପ ବିକାଶ ପରିପ୍ରେକ୍ଷୀରେ ବୈଷୟିକ ମାନବ ସମ୍ବଳ ବିକାଶର ଜରୁରୀ ଆବଶ୍ୟକତା ରହିଛି । ଏନ୍ଏସ୍ଏସ୍ଓ ରିପୋର୍ଟ ଅନୁଯାୟୀ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ ହାର ଲକ୍ଷ୍ୟ ୧୫ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହି ହାର ମାତ୍ର ୬.୧ ପ୍ରତିଶତ ଅଟେ । ତେଣୁ ଆଇଆଇଟି ପରି ଉଚ୍ଚମାନର ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟ ପ୍ରତି ହୋଇଥିବା ଐତିହାସିକ ବିଷମତା ଦୂର କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆଶାବ୍ୟକ୍ତ କରିଛନ୍ତି ।

previous || next

kijiji Get More Replies to Your Classified Ad
buy / sell cars jobs housing services pets personals

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.